# ଲଣ୍ଡନ୍ ରଜ ପତ୍ରିକା

ଅଷ୍ଟମ ସଂସ୍କରଣ - ୨୦୧୯











**12th London Raja Festival' 2019**

**Odia Cultural Association, London**

| Article Name | Author |
|---|---|
| **Odia** | |
| ତମ ପାଇଁ ଛଳନା | ଡାକ୍ତର ନୀଳମାଧବ କର |
| ଗାଁ କୁଣିଆଁ | ଡାକ୍ତର ସହଦେବ ସ୍ୱାଇଁ |
| ବିଦ୍ରୋହ | ଶ୍ରୀଯୁକ୍ତ ହରେକୃଷ୍ଣ ସାହୁ |
| ମାନସ ମନ୍ଥନ – କିଛି ଅନାବନା ଆମ୍ ସମୀକ୍ଷା | ଶ୍ରୀମତୀ ଅର୍ଚ୍ଚନା ପ୍ରଧାନ ମାନସିଂହ |
| ଉଦବୋଧନୀ | ଡାକ୍ତର କାଳୀ ମିଶ୍ର |
| ଅବୁଝା ମନ | ଚିନ୍ମୟୀ ନାଥ |
| **English** | |
| My First Cyclone Experience – FANI | Snehansh Dash (6 Yrs) |
| Nature | Devi Prasad Patnaik |
| Only Prayers | Mrs Sulata Shatapathy |
| School | Priyam Raul |
| Litter | Shaan Patra |
| Light | Shreyansh Pattnayak |
| Grey, Summers Cocoon | Vandana Sahoo |
| The Garden? | Vidip Sahoo |
| My Friend Rainbow Butterfly | Angelina Mansingh |
| **Creation** | |
| Do What You Love | Sanvi Samal (10 Yrs) |
| Summer Fun | Aradhana Khuntia |
| Watch Your Steps | Yatish Nath (13 Yrs) |
| Hipster, Dancer sd Bubbles | Dishita Rout |
| Tree | Soham Sahoo |
| A Boy and A Girl, Far Away | Satwik Morti |
| Morning Raga | Chinmayi Nath |
| Tiger & Cubs | Siya |
| Banana | Sajal Meher |
| Happy Birthday | Shivika |
| **Kaleidoscope** | |
| Mrs India UK | Rasmita Patro |
| Industrial Cadet graduation – Gold | Sarthak Das |
| Jack Petchey Foundation – Outstanding Achiever | Gaurav Meher |
| Danseuse | Aishu Jena, Neha Patnaik |

| | | |
|---|---|---|
| FrontCover Credit: | Lord Jagannatha: | Shreyas Sahu |
| | Odisha portrait: | Archisha Patro |
| Back Cover Credit: | Winter Wonderlnd | Dishita Rout |

# ସମ୍ପାଦିକାଙ୍କ ଲେଖନୀରୁ ......



"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ"

ନମସ୍କାର ।

ଦ୍ୱାଦଶତମ ବାର୍ଷିକ ରଜ ଉତ୍ସବରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଆନ୍ତରିକ ଶୁଭେଚ୍ଛା । ରଜ ଉତ୍ସବର ଆୟୋଜକ ମାନଙ୍କୁ ଅଶେଷ ଧନ୍ୟବାଦ। ଆଶାକରେ ଏହି ପତ୍ରିକାଟି ସମସ୍ତଙ୍କୁ ଆନନ୍ଦ ଦେବ। ସମସ୍ତ ଲେଖକ , ଲେଖିକା ସେମାନଙ୍କର ବହୁମୂଲ୍ୟ ସମୟ ଦେଇ ଗଳ୍ପ, କବିତା, ଚିତ୍ର ଆଦି ପଠାଇ ଥିବାରୁ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି। ଆଶାକରେ ସେମାନଙ୍କର ଲେଖନୀର ସ୍ରୋତ ଏମିତି ସର୍ବଦା ନିର୍ଝରଣୀ ହୋଇ ଝରୁଥାଉ। ଜୀବନ ଆନନ୍ଦମୟ। ଦୁଃଖ ସୁଖ ଜୀବନରେ ଖରା ଛାଇ ପରି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ପ୍ରତ୍ୟେକ ଓଡିଆଙ୍କର ପ୍ରାଣକେନ୍ଦ୍ର।

ଜଗନ୍ନାଥଙ୍କ ଅପାର କରୁଣାର ଧାରା ସମସ୍ତଙ୍କ ଉପରେ ଅନବରତ ବରଷୁ ଥାଉ।

ସମସ୍ତେ କହନ୍ତି ଅଭାବ ଅଭାବୀ
ସେବନ୍ତି କାମନା ନେଇ
ଚାରିଆଡେ ପରା ଦେଖେ ମୁଁ କାଳିଆ
ସବୁ କିଛି ଅଛୁ ଦେଇ।
ତୋ ଭାବରେ ଥାଇ କି ଅଭାବ ମୋର
ଭରିଛୁ ଭାବରେ ସର୍ବ
ସବୁ ଥାଇ ଯଦି ତୋହରି ଅଭାବ
ସେ ସବୁ ଯେ ନିରର୍ଥକ।
ଧନ ସହ ଭାବ ଜନ ସହ ଭାବ
ସଂପତି ସନ୍ତାନ ନେଇ
କେ ପାଇଛି କହ ପୂର୍ଣ୍ଣତାର ସୁଖ
ତୋର କରୁଣା ନ ପାଇ।

ଏକା ତୋ କରୁଣା ଅଟଇ ସମ୍ପତ୍ତି
ଏକା ମୁକତିର ପଥ ,
ଧନ ଜନ ମାନ ଯାହା ଉପାର୍ଜନ
ସବୁ ତୋ ଆଗରେ ବ୍ୟର୍ଥ।
ଏ ମୋର ଜୀବନ ଜଂଜାଳରେ ପୂର୍ଣ୍ଣ
ସଞ୍ଜଠୁ ସକାଳ ଖଟେ
ତୋର ନାମ ନେଇ ତୋଠି ଭାବ ଥାଇ
ତୋର ନାମକୁ ହିଁ ରଟେ।
ଯାହା ଆସେ ମୋର ଜୀବନର ପଥେ
ତୋର ଦାନ ଜାଣିଅଛି
ସୁଖ ଦୁଃଖ ହେଉ ହସ କାନ୍ଦ ହେଉ
ତୁ ଥିଲେ କି ଡର ଅଛି!

ହେ ମହାବାହୁ !

**ଜୟ ଜଗନ୍ନାଥ**

**ଡ ଜୟଶ୍ରୀ ନନ୍ଦ**

# ତମ ପାଇଁ ଛଳନା

**ନୀଳମାଧବ କର**

ମୋ ଦୁଃଖ
ତମକୁ କାହିଁକି ଟେକି ଦେବି ଯେ
ଭାଗ କାହିଁକି ଦେବି
ତମର ବି ତ
ଦୁଃଖ ଥିବ, ବେଦନା ଥିବ
ଅକୁହା, ଅଜଣା ଛପି ଛପି ।
କାହାର ନାହିଁ ଯେ ?
ମୋ ଦୁଃଖ ବୁଝିବ ବୋଲି
ଭାଗ ଅଡ଼ି ବସିବ ବୋଲି
ମୋ ବୋଝ ମୁଣ୍ଡେଇବାକୁ
ତମ ମନ, ମୁଁ କଣ ଜାଣେନା !
ଏତେ ପରେ ଦୁଃଖକୁ ଅଜାଡି
ତମ ପାଇଁ, ମୁଁ କଣ
ପାଇବି ଶାନ୍ତି ତମ ସାହାରାରେ ।
ବରଂ ମୋ ଦୁଃଖ
ମୋ ପାଖରେ ଥାଉ
ଦହୁ ଥାଉ, ଦିନୁ ଦିନ,
ଜୀବନ, ଜୀବନ ।
ହେଲେ ତମ ପାଇଁ
ହସଟିଏ ଲାଖି ଥାଉ
ସେଇମିତି
ମୋ ଓଠରେ
ହେଇ ପଛେ ଛଳନାର ସେ
ମିଛ ମିଛ ଅଭିନୟଟିଏ ।

************



"Watch your steps"
– Charcoal & Pastel
Creator:
**Yatish Nath**

# ଗାଁ କୁଣିଆଁ

ଡାକ୍ତର ସହଦେବ ସ୍ବାଇଁ

ମୋ ଘରକୁ ଆସିଛନ୍ତି କୁଣିଆଁ
ଦେଖିଦେଇ ତାଙ୍କୁ ମାରେ ମୁଁ ଡିଆଁ,
ରଡି ଛାଡି କହେ ମା'କୁ ମୋର
ଆସିଛନ୍ତି ମାମୁଁ ଆମରି ଘର।

ମାମୁଁଙ୍କ ପାଖକୁ ଦଉଡି ଯାଇ
ମୁଣ୍ଡିଆ ମାରେ ମୁଁ ପାଦକୁ ଛୁଇଁ
ଆଣିଛନ୍ତି ମାମୁଁ କେତେ ଦରବ
ବରଷକୁ ଥରେ ରଜ ପରବ।

ଘରେ ପଶୁ ପଶୁ ଆମ କୁଣିଆଁ
ମାଆ ମନ ହୁଏ ଛନ ଛନିଆ
ପାଣି ଲୋଟାଟିଏ ତୁରନ୍ତ ଦିଅ
ଗୋଡ ହାତ ଧୋଇ ଗାମୁଛା ନିଅ।

ଖଟଘରେ ତାଙ୍କୁ ଦିଅ ବସାଇ
ଚକୁଳି କରିଦେ ଘିଅ ଲଗାଇ
ବାପଘର କଥା ପଟାରେ ବସି
ଘଡିକେ କାନ୍ଦେ ମା କେବେ ବା ହସି।

ସାଇ ପଡିଶାର ପିଲାଙ୍କୁ ଦେଖ
ଭିଡ କରିଦେଲେ ଦୋକରୀ ଯାକ
ଚକୋଲେଟ ଆଉ କମଳା ପାଇ
ଚାଲିଲେ ପିଲାଏ ଖେଳିବା ପାଇଁ।

ମାମୁଁଙ୍କର ସାଇକେଲ ଦେଖଇ
ଚାବି ମାଗେ ମୁହିଁ ଦାନ୍ତ ଦେଖାଇ
ଚାବିଦେଲେ ମାମୁଁ ହାତରେ ମୋର
ଚଳାଇବୁ ଧୀରେ ଧନରେ ମୋର।

ବାସନା ଆସୁଛି ଭାରି ବଢିଆ
ଭାତ ମାଛ ପୁରି ଖିରି ନଡିଆ
କୁଣିଆଙ୍କ ପାଇଁ ରାନ୍ଧିଛି ମାଆ
ଆମ ସମସ୍ତଙ୍କୁ ମିଳିବ ତାହା।

ମାମୁଁଙ୍କର ହେଲା ଯିବା ସମୟ
ଗାଁ ମୁଣ୍ଡ ଯାଏ ବଳେଇ ଦିଅ
ମୁଣ୍ଡିଆ ମାରିକି ବିଦାୟ ଦେବ
ପୁଣି କେବେ ମାମୁଁ ଆଉ ଆସିବ?

ସମୟ ତ ଏବେ ବଦଳି ଗଲା
ସାଇକେଲ ବଦଳେ କାର୍ ଆସିଲା ,
ହ୍ୱାଟ୍ସଆପ୍ ରେ ସବୁ କାରବାର
କୁଣିଆଁ ଆସିବେ କାହାର ଘର ?



Summer Fun
Creator: **Aradhana Khuntia**



Boy and Girl
Creator: **Satwik Morti**

# ବିଦ୍ରୋହ

ଲେଖକ / ପ୍ରାବନ୍ଧିକ ଶ୍ରୀଯୁକ୍ତ ହରେକୃଷ୍ଣ ସାହୁ

"ମୋ ସୃଷ୍ଟି। ମୋ ପୃଥିବୀ।"
ଈଶ୍ୱର ଏତିକ କହିଲେ। ଗୋଟେ ଦୀର୍ଘ ଧ୍ୟାନରୁ ସଦ୍ୟ ଉଠିବା ପରେ ତାଙ୍କ ମୁଖରୁ ଏ କଥା ଦିପଦ ବାହାରି ଗଲା। ସାତ ବର୍ଷର ଛୁଆଟିଏ ଖାଦ୍ୟାଭାବ ଓ ରୋଗ ଯନ୍ତ୍ରଣାରେ ଛଟପଟ ହୋଇ ମରିଗଲା। ଈଶ୍ୱରଙ୍କ ଠାରେ ସେହି ଶିଶୁଟିର  ଯନ୍ତ୍ରଣା ଅସହ୍ୟ ହେବାରୁ ତାଙ୍କର ଧ୍ୟାନ ଭାଙ୍ଗିଗଲା। ଏ ଶିଶୁଟି ତାଙ୍କ ଶରୀରର ଅଂଶ ଥିଲା। କେବଳ ଶିଶୁଟି କାହିଁକି ସମସ୍ତ ମଣିଷ ଓ ସବୁକିଛି ତ ତାଙ୍କର ହିଁ ଅଂଶ ଅଟେ। ଯେକୌଣସି ଠାରେ ଯନ୍ତ୍ରଣା ଅର୍ଥ, ଯନ୍ତ୍ରଣା ତାଙ୍କ ଅଙ୍ଗରେ।
ଧ୍ୟାନରୁ ଉଠିବା ପରେ  ପୃଥିବୀର ଯେଉଁ ରୂପ ଦେଖିବେ ବୋଲି ଆଶା କରିଥିଲେ ଦେଖିଲେ ସମ୍ପୂର୍ଣ୍ଣ ଓଲଟା ରୂପରେ। ସନ୍ତୁଳନ ବିଗିଡ଼ି ଯାଇଛି। ପୃଥିବୀର ସମ୍ପତ୍ତି କୁ ସମସ୍ତେ ସମାନ ଭାବରେ ଭୋଗ କରିବା କଥା। କିନ୍ତୁ ପୃଥିବୀଟା ଦୁଇଭାଗ ହୋଇ ଯାଇଛି। ଅଛି ଓ ନାହିଁ ମଧ୍ୟରେ।
ସେଇଦିନ ରାତିରେ ପୃଥିବୀର ସବୁ ଲୋକଙ୍କୁ ସ୍ୱପ୍ନରେ  ଦେଖାଦେଇ ଈଶ୍ୱର କହିଲେ -ମୁଁ  ପୃଥିବୀରେ ପରିବର୍ତ୍ତନ ଆଣିବାକୁ ଚାହୁଁଛି। ଏଥିପାଇଁ ତୁମମାନଙ୍କର ସହଯୋଗ ଦରକାର। ପ୍ରସ୍ତୁତ ହୁଅ।
ସ୍ୱପ୍ନର ରାତି ପାହି ଦିନ ହେଲା। ଲୋକେ ନିଜ ନିଜର ନିତିଦିନିଆ କାମରେ ଲାଗିଗଲେ। ଏତେ ବଡ଼ ସ୍ୱପ୍ନର କିଛି ପ୍ରତିକ୍ରିୟା ପ୍ରକାଶ ପାଇଲା ନାହିଁ।
ସେ ଦିନର ସନ୍ଧ୍ୟା ହୋଇଗଲା। ଛୋଟ ପିଲାଟିଏ ଗାଁ ମଝିରେ ଥିବା ଦେବତାଙ୍କ ଆରାଧନା ସ୍ଥଳକୁ ପ୍ରାର୍ଥନା କରିବାକୁ ଯାଇଥାଏ। ସେଠାରେ ପହଞ୍ଚିଲା ପରେ ଯେମିତି ପ୍ରାର୍ଥନା ପାଇଁ ପ୍ରସ୍ତୁତ ହୋଇଛି ତା'ର ଗତ ରାତିର ସ୍ୱପ୍ନଟି ମନେ ପଡ଼ିଗଲା। ତା' ପାଖରେ ଠିଆ ହୋଇଥିବା ସାଙ୍ଗକୁ କହିଲା - ଜାଣିଛୁ ମଣ୍ଟୁ, ମୁଁ କାଲି ରାତିରେ ଏଇ ଈଶ୍ୱର ଙ୍କୁ ସ୍ୱପ୍ନରେ ଦେଖିଛି। ମତେ ସେ କଥା କହୁଥିଲେ।
ସାଙ୍ଗ ପିଲାଟି କହିଲା - ମୁଁ ବି କାଲି ଦେଖିଛି ଯେ।
ପ୍ରଥମ ପିଲାଟି ସ୍ୱପ୍ନଟିକୁ ଏକାନ୍ତ ନିଜର ଭାବି ବିରକ୍ତି ପ୍ରକାଶ କଲା। କହିଲା - ମୁଁ ଯାହା କହିବି ତୁ ବି ସେୟା କହିବୁ। ମୁଁ କହିବି, ଆମର ଆଜି ମାଂସ ତରକାରୀ ହୋଇଥିଲା। ତୁ କହିବୁ ଆମର ହୋଇଥିଲା। ମୁଁ କହିବି ଆମର ଆଜି କମ୍ପ୍ୟୁଟର ଆସିଲା। ତୁ କହିବୁ ଆମର ଆସିଲା।
ପିଲା ଦୁଇଜଣଙ୍କ କଥା, ପାଖରେ ବସିଥିବା ଜଣଙ୍କ କାନରେ ପଡ଼ିବାରୁ ସେ  କହିଲେ - ଆରେ, କାହିଁକି ଝଗଡ଼ା ଲାଗିଛ ? କ'ଣ ହେଲା ?
ପିଲାଟି କହିଲା - କାଲି ରାତିରେ ମୁଁ ଈଶ୍ୱର ଙ୍କୁ ସ୍ୱପ୍ନରେ ଦେଖିଥିଲି। ସିଏ କହୁଛି ମୁଁ ବି ଦେଖିଛି।
ଏକଥା ଶୁଣୁ ଶୁଣୁ ଲୋକ ଜଣକ ଅନ୍ୟମନସ୍କ ହୋଇଗଲେ। ମନେ ପଡ଼ିଗଲା ସିଏ ନିଜେ ବି କାଲି ଈଶ୍ୱରଙ୍କୁ ସ୍ୱପ୍ନରେ ଦେଖିଛନ୍ତି। ତେଣୁ କଥାଟିକୁ ବଡ଼ ପାଟିରେ କହିଲେ - ମୁଁ ବି କାଲି ଦେଖିଛି। ଈଶ୍ୱର ଦେଖାଦେଇ କହିଲେ.....
ଆଉଜଣେ ଲୋକ ଆରାଧନା ସ୍ଥଳର କାମରେ ଲାଗିଥିବା ବେଳେ ଏମାନଙ୍କ କଥା ଶୁଣୁଥାନ୍ତି। କହିଲେ - ମୁଁ  ପୃଥିବୀରେ ପରିବର୍ତ୍ତନ ଆଣିବାକୁ ଚାହୁଁଛି। ଏଥିପାଇଁ ତୁମମାନଙ୍କର ସହଯୋଗ ଦରକାର। ପ୍ରସ୍ତୁତ ହୁଅ। ଏୟା ତ।
ଉପସ୍ଥିତ ଥିବା ଅନ୍ୟ ଶ୍ରଦ୍ଧାଳୁମାନେ ନିଜ ନିଜର ଆଳାପ ଆଲୋଚନାରୁ ବିରତ ରହି ନିରବ ହୋଇଗଲେ। ସମସ୍ତେ ତ ଏଇ ଏକ ପ୍ରକାରର ସ୍ୱପ୍ନ ଦେଖିଛନ୍ତି। ଆଶ୍ଚର୍ଯ୍ୟ !
ଆମେ ଏତେ ଲୋକ ଗୋଟିଏ ସ୍ୱପ୍ନ ଦେଖିଛନ୍ତି !  ଏମିତି କେବେ ସମ୍ଭବ ହୋଇଛି କି ! ତେବେ ଆଉ ଅନ୍ୟମାନେ ଏହି ସ୍ୱପ୍ନଟିକୁ ଦେଖିଛନ୍ତି କି ! ଜଣେ ସେଠାରୁ ଉଠିଯାଇ ନିଜ ଘରକୁ ଚାଲିଲା। ସ୍ୱପ୍ନ ବିଷୟରେ ପଚାରି ବୁଝିଲା। ଜାଣିଲା ତା' ପରିବାରର ସମସ୍ତେ ଏହାକୁ ଦେଖିଛନ୍ତି। କୌତୁହଳ ବଢ଼ିଲା। ସମସ୍ତେ ନିଜ ନିଜ ଘରକୁ ଯାଇ ଖବର ନେଲେ। ଫଳାଫଳ ଗୋଟିଏ ମିଳିଲା। ସାରା ଗାଁ ରେ କଥାଟା ଖେଳେଇ ହୋଇଗଲା। ସେଇଠୁ କେତେଜଣ ଲୋକ ଦୂରଦୂରାନ୍ତରେ ଥିବା ନିଜର ବନ୍ଧୁବାନ୍ଧବ, ସାଙ୍ଗସାଥୀ ମାନଙ୍କ ପାଖକୁ ଫୋନ୍ କରି ଖବର ବୁଝିଲେ।

କଥାଟା କ୍ରମେ ଚାରିଆଡ଼େ ମାଡ଼ିଗଲା । ମାତ୍ର ଗୋଟିଏ ଘଣ୍ଟା ଭିତରେ ସାରା ପୃଥିବୀ ବ୍ୟାପିଗଲା। ସମସ୍ତେ ଆଶ୍ଚର୍ଯ୍ୟ ହେଲେ ଯେ ଆମେ ସମସ୍ତେ ଗୋଟିଏ ସ୍ୱପ୍ନ ଦେଖିଲେ ! କେମିତି !

ଟେଲିଭିଜନ ଓ ଖବରକାଗଜରେ ସଚିତ୍ର ଖବର ପ୍ରସାରଣ ହେଲା। ବିତର୍କ ଆରମ୍ଭ ହେଲା। କେହି କହିଲେ - ଗଣେଶ କ୍ଷୀର ପାନ କରିବା ଭଳି ଏହା ଏକ ଭଣ୍ଡାମୀରେ ପରିଣତ ହୋଇଯିବ। ଅପେକ୍ଷା କରନ୍ତୁ ଆପଣମାନେ ଦେଖିବେ ଏହା ଏକ ଅର୍ଥହୀନ ସ୍ୱପ୍ନ ବୋଲି ବୈଜ୍ଞାନିକମାନେ ପ୍ରମାଣ କରିଦେବେ। କିଛି ଗୋଟାଏ ଅଜ୍ଞାତ ୱେଭ୍ ପୃଥିବୀରେ ସକ୍ରିୟ ହୋଇ ଯାଇଛି ବୋଲି ଆମେ ଏପରି ସ୍ୱପ୍ନ ଦେଖିଲେ। ନଚେତ୍ ଅପେକ୍ଷା କରନ୍ତୁ ଆପଣମାନେ ଜାଣିବେ ଏହା ଏକ ଫଳ ରହିତ କ୍ରିୟା।
ଆଉ କିଛି କହିଲେ - ଈଶ୍ୱର ଯେହେତୁ ପରିବର୍ତ୍ତନ କରିବାପାଇଁ ଇଛା ପ୍ରକାଶ କରିଛନ୍ତି ନିଶ୍ଚୟ କିଛି ଅଲୌକିକ ଘଟଣା ଘଟିବାକୁ ଯାଉଛି। ପୁନଶ୍ଚ ପୃଥିବୀ ବାସୀଙ୍କ ସହାୟତା ଲୋଡ଼ିଛନ୍ତି। ତେଣୁ ଏହା ଭଣ୍ଡାମୀ ହୋଇ ନପାରେ। ମଣିଷର ସହାୟତା ଆବଶ୍ୟକ କରିଛନ୍ତି ଅର୍ଥ ଈଶ୍ୱର ପୁଣି ମଣିଷ ସହିତ ସମ୍ପର୍କ ସ୍ଥାପନ କରିବେ। ପୁଣି ସ୍ୱପ୍ନରେ ଦେଖାଦେଇ ନିର୍ଦ୍ଦେଶ ଦେବେ।
କିଛି ଲୋକ ପରବର୍ତ୍ତୀ ସ୍ୱପ୍ନ ଦେଖିବାପାଇଁ ଶୀଘ୍ର ଶୋଇ ପଡ଼ିଲେ। ଏହା ଏକ ଲୋକପ୍ରିୟ ଖବର ହେବାକୁ ଯାଉଛି ଆଶାକରି ଗଣମାଧ୍ୟମ କ୍ଷେତ୍ରର କାର୍ଯ୍ୟରତ ବ୍ୟକ୍ତିମାନେ ସଅଳ ଶୋଇବା ଲୋକଙ୍କ ମଧ୍ୟରେ ଆଗୁଆ ଥିଲେ।
ସେଦିନ ରାତିରେ ଈଶ୍ୱର ସ୍ୱପ୍ନରେ ଦେଖାଦେଇ ମଣିଷମାନଙ୍କୁ ଧନ୍ୟବାଦ ଜଣାଇଲେ। କହିଲେ - ତୁମମାନଙ୍କର ମୋ ପ୍ରତି ଓ ମୋର ଉଦ୍ୟମ ପ୍ରତି ଅପୂର୍ବ ଶ୍ରଦ୍ଧା ଦେଖି ମୁଁ ଆଶା କରୁଛି ଆମର ମିଳିତ ଉଦ୍ୟମରେ ଖୁବ୍ ଶୀଘ୍ର ପରିବର୍ତ୍ତନ ଆସିଯିବ। ପୃଥିବୀ ସ୍ୱର୍ଗରେ ପରିଣତ ହୋଇଯିବ। ଏହି ମହତ କାର୍ଯ୍ୟ ପାଇଁ ମୋର ପରବର୍ତ୍ତୀ ନିର୍ଦ୍ଦେଶଟି ମନେରଖ। ଯେଉଁମାନେ ମୋ ସହିତ କାର୍ଯ୍ୟ କରିବାପାଇଁ ଆଗ୍ରହୀ ଅଛ ଖଣ୍ଡେ ସାଦା କାଗଜରେ ନିଜ ନାମ ଲେଖି ନିକଟସ୍ଥ ଦେବାଦେବୀ ମନ୍ଦିର ବା ଆରାଧନା ସ୍ଥଳରେ ରଖିଦିଅ। ହଁ କାଗଜଟି ଟିକେ ବଡ଼ ହୋଇଥିବା ଦରକାର। ଯେଉଁଥିରେ ମୁଁ ଏହାର ପରବର୍ତ୍ତୀ କାର୍ଯ୍ୟ ବିଷୟରେ କିଛି ଲେଖି ପାରିବି।
ତା'ପର ଦିନ ସନ୍ଧ୍ୟା ସୁଦ୍ଧା ମନ୍ଦିର, ଚର୍ଚ୍ଚ, ଗୁରୁଦ୍ୱାରା ଓ ଖୋଲା ସ୍ଥାନରେ ଥିବା ଦେବାଦେବୀଙ୍କ ପାଖରେ କାଗଜ ଗଦା ହୋଇଗଲା। ସମସ୍ତେ ନିଜ ନାମରେ ଖଣ୍ଡିଏ କାଗଜ ଦେବା ସହିତ ନିଜ ଛୁଆ ପିଲାଙ୍କର ସୁନ୍ଦର ଓ ସୁଖମୟ ଜୀବନ ଆଶାକରି ତାଙ୍କ ନାମରେ ବି ଖଣ୍ଡିଏ ଖଣ୍ଡିଏ କାଗଜ ଦେଲେ।
ସେଦିନ ରାତିରେ ସମସ୍ତେ ଆଉ ଗୋଟିଏ ସ୍ୱପ୍ନ ଦେଖିବାପାଇଁ ପ୍ରସ୍ତୁତ ହୋଇ ଶୋଇଲେ। କିନ୍ତୁ କିଛି ସ୍ୱପ୍ନ ଦେଖିବା ପାଇଁ ମିଳିଲା ନାହିଁ। ରାତି ପାହିଲା। ସ୍ୱପ୍ନ ନମିଳିଲା ନାହିଁ, ନିଜ ନିଜ କାଗଜରେ କ'ଣ ନିର୍ଦ୍ଦେଶ ମିଳିଛି ଜାଣିବାପାଇଁ ସମସ୍ତେ ଦୌଡ଼ିଲେ ଆରାଧନା ସ୍ଥଳ ପାଖକୁ। କାଗଜଟିମାନ ଆଣିଲେ। ଅଧୈର୍ଯ୍ୟ ହୋଇ ପଢ଼ିଲେ। ସବୁଥିରେ ଗୋଟିଏ କଥା ଲେଖାଥିଲା - ସଂସାରର ପରିବର୍ତ୍ତନ ଓ ଉନ୍ନତି ପାଇଁ କେଇ ଲକ୍ଷ ବଳି ଆବଶ୍ୟକ। ଯେଉଁମାନେ ଆତ୍ମତ୍ୟାଗୀ ହିସାବରେ ନିଜକୁ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛ ସେମାନେ ଆଜି ରାତି ସୁଦ୍ଧା ମନ୍ଦିର ଇତ୍ୟାଦି ଦେବସ୍ଥାନ ମାନଙ୍କରେ ଖଣ୍ଡେ ଖଣ୍ଡେ କାଗଜରେ ସମ୍ମତି ଜଣାଇ ରଖିଯାଅ। ମନେରଖ ସଂସାର ପାଇଁ ନିଜକୁ ଦାନ କରିଦେବା ଫଳରେ ନିଜ ପରିବାରର ସେପରି କିଛି ଉଲ୍ଲେଖନୀୟ ପରିବର୍ତ୍ତନ ବା ଉନ୍ନତି ହେବନାହିଁ। ଯାହା ହେବ ସାମଗ୍ରିକ ଭାବରେ ସଂସାର ପାଇଁ ହେବ।
ଏହାପରେ ସମସ୍ତେ ନିରବ ହୋଇଗଲେ। ସେଦିନ ସନ୍ଧ୍ୟାରେ ଦେବସ୍ଥାନ ମାନଙ୍କରେ ଆଉ ଚିଠା ପଡ଼ିଲା ନାହିଁ। ସଂସାରର ଉନ୍ନତି ପାଇଁ ମୁଁ କାହିଁକି ନିଜକୁ ସମର୍ପଣ କରିବି ?
ଅନ୍ୟମାନେ ସମର୍ପଣ କରନ୍ତୁ। ଆସନ୍ତା ସମୟ ଗୁଡ଼ିକରେ ମୋତେ ବହୁତ କାମ କରିବାର ଅଛି। ମୁଁ ଚାଲିଗଲେ ମୋ କାମ କିଏ କରିବ ?
ଅବଶ୍ୟ କିଛି ଲୋକ ସେହି ଧର୍ମ ସ୍ଥଳ ଗୁଡ଼ିକର କଡ଼ ଦେଇ ଯିବା ଆସିବା କରୁଥିଲେ। ଜାଣିବାପାଇଁ ଯେ କେଉଁ କେଉଁ ମାନେ ଆତ୍ମତ୍ୟାଗ ପାଇଁ ଚିଠା ରଖୁଛନ୍ତି ଦେଖିବା। କେବଳ କିଛି ଦେଖିବା ଲୋକ ସେ ବାଟରେ ଯିବାଆସିବା କରିଥିଲେ। ଚିଠା ରଖିବାପାଇଁ ଜଣେବି ମଣିଷ ଅଟକି ନଥିଲେ।
ସେଦିନ ରାତିରେ ପୁନଶ୍ଚ ଈଶ୍ୱର ସ୍ୱପ୍ନରେ ସବୁ ମଣିଷଙ୍କୁ ଦେଖାଦେଲେ। ହସ ହସ ମୁହଁରେ କହିଲେ - ଭାବୁଛି ଆତ୍ମତ୍ୟାଗ ପାଇଁ ଆବଶ୍ୟକ ଥିବା ଲୋକମାନଙ୍କୁ ଏଥର ମୁଁ ବାଛିନେବି। ଯେଉଁମାନଙ୍କୁ ଏ ମହାନ କାର୍ଯ୍ୟ ପାଇଁ ଚୟନ କରିବି କେବଳ ସେଇ ମାନଙ୍କୁ ସ୍ୱପ୍ନରେ ଦେଖାଦେଇ ପରବର୍ତ୍ତୀ ନିର୍ଦ୍ଦେଶ ଦେବି। ଅନ୍ୟମାନଙ୍କ ସ୍ୱପ୍ନରେ ଆଉ ଆସିବି ନାହିଁ।

ଏ ସ୍ୱପ୍ନଟି ଦୃଶ୍ୟମାନ ହେବା ପରେ ପୃଥିବୀର ଅର୍ଦ୍ଧାଧିକ ଲୋକଙ୍କର ନିଦ ଭାଙ୍ଗିଗଲା। ଭୟରେ । ଯଦିଓ ପିଲାମାନେ ସେମିତି ଶୋଇ ରହିଥିଲେ।
ରାତି ପାହିଲା। ସୂର୍ଯ୍ୟୋଦୟ ସହିତ ଗୋଟାଏ ଭୟାନକ ଭୟ ବ୍ୟାପି ଯାଇଥିଲା ଚାରିଆଡ଼େ। ପୃଥିବୀରୁ ଆନନ୍ଦ ଲୋପ ପାଇ ଯାଇଥିଲା। ଫୁଲର ଗନ୍ଧ ବାରି ହେଉ ନଥିଲା। ସବୁଜିମା ସୁନ୍ଦର ଦିଶୁ ନଥିଲା। ପକ୍ଷୀର କୂଜନ, ଝରଣାର ସଂଗୀତ ବିରକ୍ତିକର ହୋଇ ଯାଇଥିଲା। ଜୀବନ୍ତ ମଣିଷଗୁଡ଼ା ଦରମଲା ଦିଶୁଥିଲେ। କେଜାଣି କାହାକୁ ଈଶ୍ୱର ପସନ୍ଦ କରିବେ ! କାହାକୁ ସ୍ୱପ୍ନରେ ଦେଖାଦେବେ ! ସେଇ ଜଣକ ମୁଁ ନୁହେଁତ ! ସମସ୍ତେ ଏହାହିଁ ଭାବୁଥିଲେ। ତେଣୁ ଆଗାମୀ ଦିନ ମାନଙ୍କରେ ଆଦୌ ନଶୋଇବା ପାଇଁ ମଧ୍ୟ ଅଧିକାଂଶ ଲୋକ ମନସ୍ଥ କରି ସାରିଥିଲେ।
ଏତେବଡ଼ ବିପଦ ଦୁଆରେ ଆସି ଠକ୍ ଠକ୍ କଲାଣି। ପୃଥିବୀ ସାରାର ମଣିଷ ସନ୍ତ୍ରସ୍ତ, ସଂକୁଚିତ ହୋଇ ଗଲେଣି। ବିଶ୍ୱର ବଡ଼ ବଡ଼ ନେତା ନିରବ କାହିଁକି ? ଦେଶର ଶାସକମାନେ କ'ଣ କରୁଛନ୍ତି ? ବିରୋଧି ରାଜନୈତିକ ନେତାମାନେ ଏପରି ବିବୃତିମାନ ଦେବାକୁ ଆରମ୍ଭ କଲେ।
ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଖୋଲିବା ଆଗରୁ ଆନ୍ଦୋଳନଟିଏ ଆରମ୍ଭ ହୋଇଗଲା। ବିଶ୍ୱ ବ୍ୟାପିଗଲା। ବିଶ୍ୱବ୍ୟାପୀ ଆନ୍ଦୋଳନ। ଏ ଈଶ୍ୱରଙ୍କ ବିରୋଧରେ କିଛି ଉପାୟ କର। ଈଶ୍ୱରଙ୍କ କ୍ରୁର ଓ ଭୟଙ୍କର ପଦକ୍ଷେପ ରୁ ସଂସାରକୁ ରକ୍ଷା କର। ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ କାର୍ଯ୍ୟାଳୟ ବନ୍ଦ ହେଲା। ସବୁ ମଣିଷ ଆନ୍ଦୋଳନରେ ଯୋଗ ଦେଲେ। ରାସ୍ତାଘାଟ ବନ୍ଦ ହେଲା। ଭଙ୍ଗାରୁଜା ହେଲା। ପୃଥିବୀ ସାରା ନିଆଁ ଜଳିଲା।

ସାରା ପୃଥିବୀର ନେତାମାନେ ଏକତ୍ରିତ ହେଲେ। ସେମାନେ କହିଲେ - ମାନବ ସମାଜର ଭଲପାଇଁ, ଉନ୍ନତି ପାଇଁ ଆମେ କ'ଣ ଚିନ୍ତା ଓ କାର୍ଯ୍ୟ କରୁନାହୁଁ ଯେ ଈଶ୍ୱର ଏକଥା ଚିନ୍ତା କରିବେ।
ମଣିଷ ସମାଜପାଇଁ ଆଜି ଯାହା କିଛି ହୋଇଛି ସବୁତ ଆମେ କରିଛୁ। ଭବିଷ୍ୟତରେ ଆଉ ଯାହା ଦରକାର ହେବ ଆମେ କରିବୁ। ତେଣୁ ଆମ ଭବିଷ୍ୟତ ବିଷୟରେ ଈଶ୍ୱର କାହିଁକି ଚିନ୍ତା କରୁଛନ୍ତି ?
ଏ ଈଶ୍ୱର କାହିଁକି ହଠାତ୍ ଏପରି ତତ୍ପର ହୋଇ ଉଠିଲେ ? ତାଙ୍କପାଇଁ ଘରଦ୍ୱାର ମନ୍ଦିର, ଚର୍ଚ୍ଚ, ଗୁରୁଦ୍ୱାରା ଇତ୍ୟାଦି ତ ଆମେ ତିଆରି କରିଛୁ। ତାଙ୍କର ଖାଇବା ପାଇଁ ଆମେତ ଫସଲ ଉପୁଜାଉଛୁ। ସିଏ କିଏ ଆମକଥା ଚିନ୍ତା କରିବାପାଇଁ ?
ନାଁ ନାଁ ଈଶ୍ୱରଙ୍କୁ ପ୍ରତିହତ କରିବାକୁ ହେବ। ଈଶ୍ୱଟିଏ ଠାରୁ ଆମେ କେତେ କ'ଣ ଆଶା କରିଥିଲୁ। ଅଥଚ ସେ ମାନବ ସମାଜର ଚରମ ଶତ୍ରୁ ରୂପରେ ଆବିର୍ଭାବ ହେଲେ। ତେଣୁ ଈଶ୍ୱରଙ୍କୁ ହଟେଇବାକୁ ପଡ଼ିବ। ସେଥିପାଇଁ ତାଙ୍କର ବାସସ୍ଥାନ ମନ୍ଦିର, ଚର୍ଚ୍ଚ ଇତ୍ୟାଦି କୁ ସଙ୍ଗେ ସଙ୍ଗେ ଭାଙ୍ଗି ଦିଆଯାଉ। ଈଶ୍ୱର ଆବିର୍ଭୁତ ହେଉଥିବା, ଅବସ୍ଥାନ କରୁଥିବା ସବୁ ସ୍ଥାନକୁ ଭାଙ୍ଗି ଦିଆଯାଉ। ତାଙ୍କପାଇଁ ଆଙ୍ଗୁଳିଏ ସ୍ଥାନ ନରହୁ। ପୃଥିବୀରେ ତାଙ୍କର ଆବଶ୍ୟକତା ନାହିଁ। ସିଏ ସେହି ସ୍ୱର୍ଗରେ ଥାଆନ୍ତୁ। ପୃଥିବୀରେ ପଦାର୍ପଣ କରିବା ଦରକାର ନାହିଁ। ନିଶ୍ଚିନ୍ତ ହୁଅନ୍ତୁ ପୃଥିବୀ ବାସୀ।
ନିର୍ଦ୍ଦେଶ ଜାରି କରାଗଲା। ଈଶ୍ୱର ଇତ୍ୟାଦିଙ୍କ ପାଇଁ ଉଦ୍ଦିଷ୍ଟ ପୃଥିବୀର ସମସ୍ତ ଧର୍ମସ୍ଥଳକୁ ଧ୍ୱଂସ କରି ଦିଆଯାଉ। ଏ ଧରିତ୍ରୀରୁ ତାଙ୍କୁ ସମୂଳେ ହଟେଇ ଦିଆଯାଉ। ତାହାହିଁ ହେଲା। ସନ୍ଧ୍ୟା ସୁଦ୍ଧା ସବୁ କିଛିକୁ ମାଟିରେ ମିଶାଇ ଦିଆଗଲା। ଆଉ କୌଣସି ଠାରେ ଈଶ୍ୱରଙ୍କର ଚିହ୍ନବର୍ଣ୍ଣ ରହିଲା ନାହିଁ।
ମଣିଷ ଆଶ୍ୱସ୍ତ ହେଲେ। ସେଦିନ ରାତିରେ କୌଣସି ମଣିଷର ସ୍ୱପ୍ନ ଭିତରକୁ ଈଶ୍ୱର ଅନୁପ୍ରବେଶ କରି ନଥିଲେ। ଦୂରେଇ ଯାଇଥିଲେ। ରାତି ପାହିଲା। ଈଶ୍ୱରଙ୍କ ଠାରୁ ମୁକ୍ତି ମିଳିଥିବାରୁ ସବୁଆଡେ ଆନନ୍ଦ ଖେଳି ଯାଇଥିଲା। ଗୋଟେ ଅପୂର୍ବ ଉତ୍ସବ ଆରମ୍ଭ ହେବାର ପ୍ରସ୍ତୁତି ଚାଲିଥିଲା।
ସବୁଦିନେ ପେଟପୁରା ଖାଇବାପାଇଁ ପାଉ ନଥିବା ସାତ ବର୍ଷର ପିଲାଟିଏ ସେଦିନ ବୁଝିପାରିଲା ଯେ ପୃଥିବୀର ଦୁଃଖ ଦୂର ହେବାପାଇଁ ମଣିଷମାନେ ଆତ୍ମତ୍ୟାଗ କଲେ ସବୁ ସମସ୍ୟା ର ସମାଧାନ ହୋଇଯିବ। ଈଶ୍ୱର ଏକଥା କହିଛନ୍ତି। କିନ୍ତୁ ଏ ଦୁନିଆର କେହି ବି ଜଣେ ଏପରି ତ୍ୟାଗପାଇଁ ପ୍ରସ୍ତୁତ ନାହାନ୍ତି। ପିଲାଟି ଭାବିଲା - ମୁଁ ତ ଦିନେ ଖାଇଲେ ଦିନେ ଉପବାସ ରେ ରହୁଛି। ହୁଏତ ଏମିତି ଖାଇବା ବିନା କେବେବି ମରି ଯାଇପାରେ। ତେଣୁ ମୁଁ ଯାଉଛି ପୃଥିବୀର ଭଲପାଇଁ ମରିବି। ମଣିଷମାନଙ୍କ ସୁଖପାଇଁ ମରିବି।
ତେଣୁ ପିଲାଟି ନିଜର ସ୍ୱୀକୃତି ଜଣାଇ ଈଶ୍ୱରଙ୍କ ପାଖକୁ ଚିଠିଟିଏ ଲେଖିଲା। ଭାଙ୍ଗିଭୁଙ୍ଗି ପକେଟରେ ପୁରାଇଲା। ଚିଠିଟିକୁ ଈଶ୍ୱରଙ୍କ ପାଖକୁ ପଠାଇବା ପାଇଁ ଧର୍ମସ୍ଥଳଟିଏ ଖୋଜିବା ଉଦ୍ଦେଶ୍ୟରେ ବାହାରିଗଲା।

# ମାନସ ମନ୍ଥନ – କିଛି ଅନାବନା ଆତ୍ମ ସମୀକ୍ଷା

**ଅର୍ଚ୍ଚନା ପ୍ରଧାନ ମାନସିଂହ**

ଅସୁମାରୀ ଆଶା ଓ ଅଦମ୍ୟ ପ୍ରଚେଷ୍ଟାକୁ ପାଥେୟ କରି ଜୀବନର ଚଲାପଥରେ ସମସ୍ତେ ଆଗେଇ ଚାଲନ୍ତି ଆଗକୁ ଆଗକୁ । ଉଦ୍ଦେଶ୍ୟ - କାର୍ଯ୍ୟସିଦ୍ଧି  ଓ ଲକ୍ଷ୍ୟପ୍ରାପ୍ତି । କିଏ ଜୀବନରେ ଜଣେ ପ୍ରତିଷ୍ଠିତ ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ଭଲ ଚାକିରି ଖଣ୍ଡେ ପାଇବାର ଆଶା ରଖି ଆଗକୁ ବଢିଥାଏ ତ କିଏ ନିଜକୁ ଜଣେ ସଫଳ ବ୍ୟବସାୟୀ  ରୂପେ ଗଢି ତୋଳିବାକୁ ଲକ୍ଷ୍ୟ ରଖିଥାଏ।ଆଉ କିଛି ଲକ୍ଷ୍ୟ ରଖିଥାନ୍ତି କୌଣସି ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ଏକ ଉଚ୍ଚପଦବୀ । ଏ ସବୁ ଲକ୍ଷ୍ୟ ହାସଲ ପଛରେ ଲୁଚିରହିଥିବା ଏକମାତ୍ର ଅଭିସନ୍ଧି ହେଲା ସାମାଜିକ ପ୍ରତିଷ୍ଠା ଓ ଅଜସ୍ର  ସମ୍ପତ୍ତିର ମାଲିକାନା । ଏହି ଲକ୍ଷ୍ୟ ହାସଲ ଆଉ କାର୍ଯ୍ୟସିଦ୍ଧିର ଅଣନିଶ୍ୱାସୀ ଦୌଡରେ ସେ ବିସ୍ମରି ଯାଏ ବାଲ୍ୟ ଅବସ୍ଥାରେ ପିତାମାତାଙ୍କ ଠାରୁପ୍ରାପ୍ତ ସଂସ୍କାର , ଛାତ୍ରାବସ୍ଥାରେ ତାର ଗୁରୁଙ୍କର ଉତ୍ତମ ଚରିତ୍ର ଗଠନ ଉପରେ ପ୍ରଦତ୍ତ ନୀତିବାଣୀ ଓ ନିଜର ଅନ୍ତରାତ୍ମାକୁ ଦେଇଥିବା ଅନାବିଳ ପ୍ରତିଶ୍ରୁତି।ଆଗକୁ ବଢିବାର ପ୍ରତିଯୋଗିତାରେ ବିଜୟୀ ଉନହେବାର ପାଶବିକ ଲାଳସାର ମାୟାଜାଲରେ ଅନ୍ଧ ହୋଇ ସମସ୍ତ ସଂସ୍କାର ସମସ୍ତ ପ୍ରତିଶ୍ରୁତିକୁ ପାଦତଳେ ଆଡେଇ ଦେଇ ମାଡି ଚାଲେ ଆଗକୁ ଆଗକୁ। ଏହି ଦୌଡରେ ବିଜୟ ଆଣିଦେବ ଭୌତିକ ସୁଖ ପ୍ରାପ୍ତି , ସାମାଜିକ ପ୍ରତିଷ୍ଠା । ଏହାକୁ ପୁଞ୍ଜିକରି ସେ ପ୍ରତିପାଦନ କରିପାରିବ ନିଜ ବନ୍ଧୁ ସହୋଦର , ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ନିଜର ସ୍ୱାତନ୍ତ୍ର୍ୟ ଓ ଶ୍ରେଷ୍ଠତ୍ୱ।

ନିଜର ଏହି ତଥାକଥିତ ସଫଳତାର ଅହଂକାରରେ ସେ ଉନ୍ମାଦିତ ହୋଇଉଠେ ଯେତେବେଳେ ତାର ଅଭିଭାବକ , ପରିବାର , ସାଙ୍ଗସାଥି , ବନ୍ଧୁବାନ୍ଧବ ,ଗୁରୁ , ପରିଜନ ଓ ତାକୁ ପରିବେଷ୍ଟିତ ସମାଜ ତାର ସଫଳତାର କାହାଣୀକୁ ସଫଳତାର ଧ୍ରୁବ ଉଦାହରଣ ରୂପେ ଅନ୍ୟମାନଙ୍କ ସମ୍ମୁଖରେ ବାରମ୍ବାର ବଖାଣି ବସନ୍ତି।ତାହା ସଫଳତାର ନିଦର୍ଶନ ରୂପେ ତାର ଆଭିଜାତ୍ୟ ରୂପେ ସୁଉଚ୍ଚ ଭବ୍ୟ ଅଟ୍ଟାଳିକା , ଅମାପ ସମ୍ପତ୍ତି ଓ ଉଚ୍ଚପଦବୀ ଅନ୍ୟ ମାନଙ୍କ ଆଖି ଝଲସାଇ ଦିଏ । ତାର ଏଇ ସଫଳତା ତା ଜୀବନରେ ଆଣିଦେଇଛି ଆଧୁନିକ ସମାଜରେ ଉପଲବ୍ଧ ସମ୍ଭ୍ରାନ୍ତ ସୁଖ ସମୃଦ୍ଧି। ବଢାଇ ଦେଇଛି ତାର ଆତ୍ମବିଶ୍ୱାସ। ଛାତ୍ର ଜୀବନରେ ପାଠରେ ତା ଠୁ ଆଗୁଆ ଥିବା ପିଲାଙ୍କ ଠାରୁ ସେ ଆଜି ସାମାଜିକ ପ୍ରତିଷ୍ଠାରେ ଆଗୁଆ । ଏ କଥା ଭାବି ଗର୍ବରେ ତାର ଛାତି କୁଣ୍ଢେ ମୋଟ ହୋଇଯାଏ। ମନ ଭିତରୁ ବିଜୟର ଆତ୍ମତୃପ୍ତି ଉଙ୍କି ମାରି ଅଜୋତରେ ତା ଓଠରେ ଭରିଦିଏ ସନ୍ତୁଷ୍ଟିର ଚେନାଏ ସ୍ମିତହାସ୍ୟ। କିନ୍ତୁ ଟିକିଏ ନିଜ ଅନ୍ତରକୁ ଝାଙ୍କି ଦେଖୁ ତ ଏ ସଫଳତାର ଶ୍ରେୟ କଣ ଏକା ତାର ? ସତରେ କଣ ସେ ଏକା ସେ ସଫଳତାର ହକଦାର? ଏ  ସଫଳତା ପାଇବା ପାଇଁ ସେ କାହା ସହିତ ବିଶ୍ୱାସ ଘାତକତା କରିନାହିଁତ? କାହାକୁ ଅନ୍ୟାୟୋଚିତ ଭାବରେ ପାଦରେ ଆଡେଇ ଦେଇ ନାହିଁତ ? ଆଉ କାହାର ପରିଶ୍ରମର ଫଳ ସେ ଉପଭୋଗ କରୁନାହିଁତ? ଯେଉଁ ପିତାମାତା ତାର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ନିଜର ସବୁ ଜଳାଞ୍ଜଳି ଦେଇ ନିଜର ସ୍ୱଳ୍ପ ସୀମିତ ଆୟ ଭିତରେ ତା ନିମନ୍ତେ ଯଥାସମ୍ଭବ ଶ୍ରେଷ୍ଠ ଭରଣ ପୋଷଣ ଶିକ୍ଷାଗଠନର ବ୍ୟବସ୍ଥା କରାଇଥିଲେ , ସେମାନଙ୍କ ପ୍ରତି ସେ ନ୍ୟାୟ କରୁଛିତ ? ସେମାନଙ୍କର ସାରାଜୀବନର ସଞ୍ଚିତ ଧନରାଶି  ଯାହାକି ତାଙ୍କ ବୃଦ୍ଧାବସ୍ଥାର ଏକମାତ୍ର ପାଥେୟ ତାକୁ ତା କୌଶଳପୂର୍ବକ ହଡପ କରି ନିଜର ସମ୍ଭ୍ରାନ୍ତ ଜୀବନଚର୍ଯ୍ୟା ନିମନ୍ତେ ତାକୁ Top Up ସ୍ୱରୂପ ବ୍ୟବହାର କରୁନିତ ?
ଯେଉଁ ଆଲିଶାନ ମହଲକୁ ଅନ୍ୟମାନଙ୍କୁ ଦେଖାଇ ନିଜର ବାହା ବାହା ନେଉଛି , ତାକୁ କିଣିବାରେ ତାଙ୍କ କଷ୍ଟ ଅର୍ଜିତ ଧନକୁ down payment ର ଅଗ୍ରୀମ ରାଶି ରୂପେ ଖର୍ଚ୍ଚ କରିଦେଇନି ତ?  ସହରର ଚାକଚକ୍ୟଭରା ପରିବେଶ ମଧ୍ୟରେ ଏକ ସୁଖଦ ଓ ସନ୍ତୁଷ୍ଟି ଭରା ବାର୍ଦ୍ଧକ୍ୟ ଜୀବନର ମୋହ ଦେଖାଇ ସେମାନଙ୍କର ସେବା ଶୁଶ୍ରୂଷା କରିବାର ଆଳ ଦେଖାଇ ନିଜ ପାଖକୁ ଡାକି ଏହି ସମାଜ ଆଖିରେ ନିଜ ପାଇଁ ଏକ ଉତ୍ତମ ସନ୍ତାନର ପରିଚୟ ସୃଷ୍ଟି କରି ସେମାନଙ୍କୁ ନିଜର ଘରର ଭୃତ୍ୟ  , ପାଚକ ଓ ଜଗୁଆଳି ରୂପେ ବ୍ୟବହାର କରୁନାହିଁ ତ? ସେମାନଙ୍କୁ ନିଜର ସନ୍ତାନ ସନ୍ତତି ମାନଙ୍କର ଧାଇ ରୂପେ ବ୍ୟବହାର କରୁନାହିଁ ତ?

ଏପରି କରୁଥିବା ବ୍ୟକ୍ତି ସମାଜରେ ମିଥ୍ୟା ଖ୍ୟାତି ପାଆନ୍ତି ସତ ମାତ୍ର ସେମାନଙ୍କର ଏହିସବୁ କୁକର୍ମ  କଣ କଳାଠାକୁରଙ୍କର ବିଶାଳ ଚକାନୟନର ପରିଧୀ  ମଧ୍ୟରୁ ବଞ୍ଚିପାରିବ ?  ତାଙ୍କର ଏହି ପ୍ରପଞ୍ଚ  କଣ ଜଗତର ନାଥଙ୍କ ଆଖି ଆଢୁଆଳରେ ଲୁଚିଯାଇ ପାରିବ ?  କଣ ସେମାନଙ୍କୁ ଏହି ପାପରୁ ମୁକ୍ତି ମିଳିବ ?  ନା ସେମାନେ ନିଜର ଏହି କୁକର୍ମ କୁ ହୃଦୟଙ୍ଗମ କରି ପ୍ରାୟଶ୍ଚିତ କରିବେ ?
ଏମିତି ଅନେକ ପ୍ରଶ୍ନ ମାନସପଟ୍ଟରେ ଉଙ୍କିମାରି ମସ୍ତିଷ୍କର ଭିତରତମ କନ୍ଦରରେ ଘନ ଉଦ୍ ବେଳନ ସୃଷ୍ଟିକରେ।
ହେଲେ ପରବର୍ତ୍ତି ମୂହୁର୍ତ୍ତରେ ମୁଁ ନିଜକୁ ବୁଝାଏ କି ପରିବର୍ତ୍ତନଶୀଳ ଏ ସଂସାରରେ କିଛି ବି ସ୍ଥିର ନୁହେଁ ।
ପୃଥ୍ୱୀ କ୍ଷଣ କ୍ଷଣକେ ଆନ । ନିୟମରେ ଏ ସମଗ୍ର ବିଶ୍ୱ ପରିଚାଳିତ । ଏ ଧରା ପୃଷ୍ଟକୁ ସମସ୍ତେ ଖାଲି ହାତରେ  ଆସିଛନ୍ତି ଓ ସମସ୍ତେ ଖାଲିହାତରେ ହିଁ ଫେରିବେ।କେହି କିଛି ନିଜ ସାଥିରେ ନେଇ ଯାଇ ପାରିବେ ନାହିଁ। ଯାହାକିଛି  ରୋଜଗାର କରିଛ ଅବା ସଞ୍ଚୟ କରିଛ ସବୁ ଏଠାରେ ଛାଡିକି ଯିବ। ଯଦିକିଛି ସାଙ୍ଗରେ ନେଇ ପାରିବ ତାହା ହେଲା ଉତ୍ତମ କର୍ମ , ଯାହାକି ମୃତ୍ୟୁ ପରେବି  ଲୋକଙ୍କ ସ୍ମୃତିରେ ତୁମକୁ ଅମର କରି ରଖିବ।
ତେଣୁ ସର୍ବଦା ନିଜର ଚିନ୍ତନରେ ମାଧୁର୍ଯ୍ୟ ଓ ଶାଳୀନତା ରଖ ତଥା ଉତ୍ତମ କର୍ମ କରିଚାଲ।

# ଉଦବୋଧନୀ

ଡାକ୍ତର କାଳୀ ମିଶ୍ର

ଉତ୍କଳ ଦିବସେ କର ଏହି ପଣ
ଯେ ଯେଉଁଠି ରହିଛ ଉତ୍କଳ ସନ୍ତାନ
ଯେତେଦିନ ଯାଏ ଥିବ ଏ ଜୀବନ
"ସବୁରି କ୍ଷେତ୍ରରେ ଅଗ୍ରଣୀ ହେବୁ
ଆମେ ଉତ୍କଳ ମାତାର ପାଇକ ସାଜିବୁ"।

ଆସୁ ଯେତେ  ଝଞ୍ଜା  ଝଡର ସୁନାମୀ
ଉତ୍କଳର ପୂର୍ବ ଗୌରବ କାହାଣୀ
ଆତ୍ମବଳୀ ଦେଇ କହେ ବକ୍ସି ଜଗବନ୍ଧୁ
ଦିନ ସେବା କର କହେ ଗୋପବନ୍ଧୁ।

ସାଧବ ପୁଅଙ୍କ ବିଦେଶୀ ବାଣିଜ୍ୟ
ପଠାଣୀ ସାମନ୍ତ ଆଉ କବିସୂର୍ଯ୍ୟ
ହିଂସାକ୍ରୋଦ୍ଧ ଛାଡ କହେ ଧର୍ମାଶୋକ
ବିବେକାନନ୍ଦ କହେ ଶାନ୍ତି ମୈତ୍ରୀ ଶିଖ
ଜଗାକାଳିଆ ଆଗେ କର ଆତ୍ମସମର୍ପଣ
ହିନ୍ଦୁ ମୁସଲ୍ମାନ ଆଉ ବୌଦ୍ଧ ଖ୍ରୀଷ୍ଟିଆନ।

ପୂର୍ବର ଗୌରବ ତୁମ ହାତେ ଆଜି
ତୁମବିନା ତାର ଦମ୍ଭ ଯିବ ହଜି

ଉତ୍ତିଷ୍ଟିତ ପ୍ରାପ୍ତ ବରାନନୀ ବୋଧତେ

"Arise Awake Stop not till the Goal is reached "



**Morning Raga (Acrylic)**
**By Chinmayee Nath**

# ଅବୁଝା ମନ

ଚିନ୍ମୟୀ ନାଥ

ଅବୁଝା ମନତୁ, ତୋତେ ବୁଝି ହୁଏନି ଜମା,
ତୁ ସଦା ଦୋଦୁଲ୍ୟମାନ ଆଶା ଆକାଂକ୍ଷାରେ ,
କେବେତୁ ହସୁ , କେବେତୁ ରୁଷୁ, କେବେତୁ କାନ୍ଦୁ,
କେବେତୁ ବନ୍ଧନର ମହକରେ ବାନ୍ଧୁ ,
କେବେ ଅଚିଂହାକୁ ଆପଣାର କରିବାକୁ ତରସୁ ,
କେବେ ସମ୍ପର୍କର କୋଳାହଳେ ଏକୁଟିଆ ଭାସୁ ,
ପ୍ରତିମୁହୁର୍ତ୍ତେ ରଙ୍ଗ ବଦଳେଇ , ସବୁ ସ୍ୱାଦରେ ଲତପତ ହେବାକୁ ବସୁ ।
ବହୁତ ଦେଖିଲି ,ତୋ ମୋହର କାର୍ପେଟରେ ବସି ଅଲଔଦିନ ଭଳି ଭାସିଲି ,
ଟାଣିନେଲୁ ଜିନ ଭଳି କେତେ ବେଦନାର ଗହିର ଯନ୍ତ୍ରଣାକୁ ,
ତାର ପ୍ରାଣଚିର ଚିତ୍କାର ,ଭଣଭଣ ଗନ୍ଧେ ବାଟବଣା ହେବାପାଇଁ ,
ଟାଣିନେଲୁ କେତେବେଳେ, ରଙ୍ଗିନ ଭବିଷ୍ୟତର ଅକୁହା ସ୍ପର୍ଶ ଟିକକପାଇଁ ,
ମୁଁ ଅବୁଝା ପିଲାଟେ, ଧାଉଁଥାଏ ମଧୁର କଳ୍ପନାର ମୃଗତୃଷ୍ଣା ପଛେ,
ଉଦୁଉଦିଆ ଡହଡହ ଖରାପବନେ ଖାଲି ଝାଇଁଝାଇଁ ।
ସଂସାରେ  ଯାହା ଦେଖିଲୁ , ଯାହା ଶୁଣିଲୁ, ସବୁକୁ ଜାବୁଡି ଧରିଲୁ ,
ସୂତାରୁ ଖିଅ କାଢିଲାଭଳି , ସବୁ ଘଟଣାକୁ ବଡ କରିବାକୁ ବିକଳହେଲୁ ,
ଦୁଃଖ ଆସିଲେ କାନ୍ଦି କୁନ୍ଥେଇ ନଇଁନୁଅନ୍ତହେଲୁ ,
ପ୍ରଶଂସାରେ ଅହଂକାର ଚୁଡେ ମୁଣ୍ଡିମାରିଲୁ ।
ତୋ ସାଙ୍ଗରେ ଲୁଚକାଳି ଖେଳୁଖେଳୁ ,
ହଜେଇ ଦେଲିଣି ଜୀବନର କେତେ ଛୋଟବଡ ଅନୁଭବର ମୁହୂର୍ତ୍ତ ,
ଦିନ, ମାସ ,ବର୍ଷ ଉଡ଼ିଯାଏ ପୁରୁଣା କ୍ୟାଲେନଡରର ଧୂସର ପୃଷ୍ଠାପରି ,
ଯୁଗ ବିତିଯାଏ ଛିଡାହେବାପାଇଁ , ପୁଣିଥରେ ବର୍ତ୍ତମାନେ ମୁଣ୍ଡଟେକି ଅଣ୍ଟା ସିଧାକରି ,
ଏଇ ଟିକକ ବୁଝିଯା ,ସୁଖଦୁଃଖ  ତୁନୁହଁ , ଖାଲି ତୋର ଛାଇ ,
ଆଶା ଆକାଂକ୍ଷାରେ ରଙ୍ଗ ଜୁଡୁସୁଡୁ, ଚାହାଁଣିବା କାହାପାଇଁ  ,
ତୋର ନିର୍ଲିପ୍ତ ରଙ୍ଗହୀନତାହିଁ ସୁନ୍ଦର, ସେଥିରେ ଆତ୍ମତୃପ୍ତିରେ ପାରିବୁ ଶୋଇ ।



Button Tree
Creator: **Soham Sahoo**

# My First Cyclone Experience - FANI

Snehansh Dash (6 Years)

It all started on the 3rd Of May 2019. We heard about a cyclone coming to Puri first. I was at my grandparents' house in Bhubaneswar. At about 10 o'clock the wind started gushing in and out!!! The trees were dancing with the wind. In my grandparents' house there was a Ram Fala tree and it was about to fall on the electric lines in front. My Mamu, who works for the Indian Navy did cut the Ram Fala tree. My mum and dad helped him in that. While I was seeing these things I was sitting in the balcony on the jhoola because the floor was getting covered with wet leaves. Then we went to the terrace to see the other trees around the house. I saw lots of electric poles fallen down so, there was no electricity! Trees fell down one by one and slowly the sun was setting. Everything was dark everywhere. Some fruits had fallen from the trees that broke and we ate those frits. The day got over and we slept.

The next day we woke up and there was **NO WATER!!!** Because there no electricity water from the under ground conservatory could not go up into the tank. Somehow, a generator was arranged and we could get electricity and charge our electronics and other things. I went with my dad on a two wheeler to see the effect of cyclone – FANI. Many shops were closed and the traffic stations were broken. I saw KFC was K C as the F flew away ☺ Many people helped the city Bhubaneswar to make life back to normal. Because it was a difficult time everybody helped each other. Now people have understood how to be together. Cyclone is a result of misusing nature. We have to take care of trees and pollution. We can build up nature by planting trees. Not destroying habitats for other animals or by saving them. It was my first experience of a Cyclone and I learnt many things.




Happy Birthday

**Shivika Siddharth**

# Nature

**Devi Prasad Patnaik**

The wind outside is howling,
babies cry.
Clouds circle like vultures,
eyeing their prey from the sky.

Sand moves like a snake,
no statue for you to make.
The smile on the babies face,
Lord, did you really have to take.

On the marine drive,
not a cycle in sight.
In the dark just a candle,
to spend the night.

Trees are there,
no shade to share.
Lines of stumps,
along the roads as you stare.

The cyclone
was a frightening one.
Nothing wrong
have the poor done.

The land and it's beauty,
to save is our duty.
To play with nature,
Is to destroy the future.

Change it in a hurry,
face the fury.
Nature the judge,
executioner and jury.



Wilderness
Creator: **Satwik Morti**

# Only Prayers

(Ode to Departed Brave Sons)

**Mrs. Sulata Shatapathy**

Only prayers, my dear, bravest sons of this holy land,
Where sage Dadhichi lived and laid down his life.
As you travelled along your trodden path, you like him,
Understood the value of caring for your motherland,
Saving others from evil and during calamities, to let us
Live peacefully and sleep night after night without fear of
Dying or of the dreadful gunfires, we could not hear.

Little cold months shakes us up badly,
Hard summer days we struggle to withstand,
Thunder and heavy rain awaken us to the fear of flood,
Loss of scores of lives and legions of valued properties.
And for all that, we only curse the Indra God in heaven,
As if we are born only to enjoy all the good things,
Food, frolicking, glamorous shows or drama, and go
For branded dress, shoes, gorgeous goods and vehicles.

No heart for the poor and the needy, and no thoughts for
Your suffering all through the calamitous times, in
Desolate rough terrain, not complaining for your toils &
Sufferings, when the monsters kill, demons destroy, some
Persuaded perverts commit suicide to terrorize all the way.

Politicians adept in mouthing rhetorics, blaming each other,
Face none of the challenges that come your path ever more.
Overnight riches acquiring is their main aim, never minding
What methods they adopt and what language they use to
Occupy the seat of power and boast of vain achievements,
Expressing sympathies howsoever superficial & short-lived.

I cry with your kith and kin, dearest sons,
Nothing more I can offer for your injured body and bones.
You are the martyrs and true heroes. The cowardice acts
Compared to your sacrifice is nothing but zero.
You are the glittering stars of the night sky, guarding
And caring for us, happily singing lullaby.
'Have not the courage to say, "Don't cry dear mother,
Wipe out your tears beloved wife of a brave soldier".
Fatherless children, you will see him no more to
Provide care, love, protection and guidance.
"Listen to their owes and give them patience, 'Oh Lord',
Madness will wither and good days will still come".

# School

**Priyam Raul**

Oh, the glorious first days of
Reception!
How could I not miss them?

Oh, the fun I had in Year 1
When I won the competition.
Oh, the sorrow in Year 2
When I had to say Adieu.
Oh, the fun I had in Year 3
When we went to the beach.
Oh, the sorrow in Year 4
Saying goodbye to more.
Oh, the hard work in Year 5
I could cut with a knife.
Oh, the fun we are having in Year 6
As the time ticks.
But in the end, my best friend is a
book,
That never gives me a weird look.

# Light

**Shreyansh Patnaik**

Something that shines through the
darkness,
And turns everything white,
Something that chases away all your
fears,
That is known as light.

It makes beautiful trees,
And through it the wind does blow,
Everyone says it's brilliant,
And without it there would be no
rainbows.

Shining through the window,
Glowing like the sun,
It's always been the best thing,
That God has ever done.

When you go outside and it's raining,
It'll burst through the clouds,
It'll keep your head dry,
And also keep you proud.

Light will wake you up in the morning,
And keep you wide awake,
And when you're dancing at the par
It'll glitter on the lake.




Do What You Love
Creator: **Sanvi Samal**

# Summer's Cocoon

**Vandana Sahoo**

The heat of summer

Leaves a film on my skin.

I scratch it with a scarlet nail

And it falls away to pieces.

You alight, with your black wings,

My angel,

And come to peel away

My summer's cocoon.

I emerge, not as a butterfly,

But as a moth –

Brown like the earth between your toes

And grey like the sky above your head.

# Grey

**Vandana Sahoo**

Today you are grey.

You are washed stone,

Clean, without any mossy attachments;

Hard and jagged like in a cold cliff face.

You are rolling clouds,

Moving with strong winds, but not dispersing.

Maybe a storm is coming.

You are your grandmother's hands.

Knotted veins and deep wrinkles

That tell a story of hardship and struggle.



EDT

Industrial Cadets

Certificate of Graduation

This is to certify that

Sarthak Das
Westcliff High School for Boys

has graduated as an Industrial Cadet
**Gold Level**
through participating in the
Engineering Education Scheme

Valid: 2019

Signature:

Julie Feest, Chief Executive of the EDT

We are proud to have His Royal Highness The Prince of Wales as the Patron of Industrial Cadets

www.etrust.org.uk www.industrialcadets.org.uk



Congratulations **Sarthak Das** and best wishes for a bright future

# The Garden?

**Vidip Sahoo**

Ahhhh . . . another relaxing, sunny day. For the past few weeks I've woken up to the sounds of birds beautifully singing, the gentle, soothing whistle of the wind and the satisfying trickling of the water in the stream at the back of my garden.

Once I bathe and brush my teeth, the very first thing I do is plug in some earphones and listen to Kishore Kumar while taking a stroll down the 300ft garden.

My garden is scenic, with many flamboyant flowers, and for every single day in these past weeks, I've just gazed at their unrivalled beauty. However today was different – very different. I've always wondered what was beyond that fortified fence at the back of my garden, but I've never had the guts to go and check. For some odd reason, in the morning I felt a sudden rush of curiosity, adrenaline, enthusiasm and I yearned for an adventure. Something was wrong, this was not me . . .

Now don't get me wrong, I'm not an introvert, but I've never been the adventurous type.

Before I knew it, I was near the fence, gazing at its mystery. I got a ladder and climbed on top of the fence, and there was a meadow as far as the eye can see. This was weird, it was almost as if I had entered a portal, leading to another plane or maybe, another dimension.

Obviously, I walked in the meadow, and I saw some bizarre things. For example, a goat just came out of nowhere, there were pizzas flying as if they were birds. The clouds looked like cotton candy and there were since I had used my jetpack which was fuelled by mayonnaise and found that the clouds were indeed cotton candy. After I had feasted on an infinite amount of 'clouds' and pizza, there was something glittering. As I stepped closer, it was a chocolate river and the whole network of rivers and tributaries all sourced from an actual chocolate fountain. The goat was still silently staring at me.

This was a paradise, but oddly familiar. I think I have visited this place before. As more of my favourite items sprung into existence, it got even more strangely familiar. Something was wrong, so wrong. Everything in the meadow was something I loved . . .  apart from the goat. I decided to run away; this was too creepy. However, all of a sudden, a dark spirit with big red eyes emerged from the goat's mouth, leaving only the goat's thin skin crumbling away. It came bounding after me, and the atmosphere was dark and shady with the chocolate rivers transforming into scarlet lava and the cotton candy clouds into ash and the flying pizzas into sharp shurikens. I ran, but the faster and further I did, the more aggressive it became, leaving only devastation behind. Just as it was going to engulf me in its darkness . . . I fell onto fresh green grass and I was welcomed by the humming of birds.

Everything was back to normal.

Maybe it had been an illusion, I don't know, but I was just happy it had ended. I was walked down my garden, I saw a goat, the same goat! I then quickly discovered that I was not in my world anymore, but His. The previous paradise was my dream, but now . . . I was in my nightmare.

# The disastrous impact of littering on animals

**Shaan Patra**

Humans consume products such as food, cosmetics, drinks etc. however as they consume products, they create wasteful by-products that enter the ecosystem (via littering) and this can have a disastrous effect on the environment around us, especially on the animals.



Roughly 9 billion tons of litter is dumped into the ocean every year. This has dire consequences on the sea life, and example of which can be seen in this picture of beached whale covered in litter. Furthermore, these pollute the water that are ingested by animals, and these cause blood clotting, seizures or various other serious medical issues that can cause animals to die.

Plastic litter, such as grocery bags or can holders rapidly fill up landfills and clog up drains. When these plastics drift off to sea, animals often ingest and as a result, cause serious health problem as animals cannot digest plastics properly which leads to a blocked stomach and a depletion of nutrients in their bodies. In addition, plastics can cause animals to be tangled in them as can be seen in this picture.



Littering is a serious problem that needs to be prevented as it pollutes our water and harms the environment around us especially the animals. Hopefully this article opens everyone's eyes to the consequences of littering and will make you think twice before you litter your plastic bags or your bottles.



# My friend Rainbow butterfly

**Angelina Mansigh**

There was once a beautiful butterfly that didn't know where she came from. Her name was Amelia. She flew through the forest and didn't stop, even though night came. Just as day came, she ended up at my house window. I love to see her fluttering by my window on a warm summer's day.

I can watch her gentle moments all day long. Butterflies seem to arrive with the summer sun and disappear with autumn winds. Butterflies are not to be seen in cold winter months, December, January and February. Butterflies are of lots of colour. When butterflies are rainbow colour, they are so beautiful. Butterflies have multicoloured wings. With their small little beautiful wing they fly in air. They have antenna. Butterflies drink nectar from flowers. When they are caterpillars they stay in a log and they ate and ate until they become big and strong. Then they turn into a butterfly after coming out of the cocoon. When they gently land on a twig or leaf you can't hear them because they are quiet, they are as silent as the night. I like Amelia butterfly because she waved at me from air with her colourful wings. Amelia dreamed of being with other butterflies. As the night arrives Amelia was surrounded by the most beautiful butterflies and she flew back with them to the forest.





Hipster **by Dishita Rout**

This canvas painting is very different to the other painting, since it is very geometrical. I also added a bit of nature with the ring of leaves to emphasise the shoes. This is more of a modern/hipster-style painting unlike the other one. This is because it captures the style of clothing we wear now. It has the classic Vans shoes which is quite common with skateboarders and this is where it brings in the hipster style sense. I enjoyed making this painting and it has been credited by many people including my art teacher, and has been recreated by lots of other children who like this piece as well.




**Aishu Jena** at a Shiamak Show



Dancer and bubbles **– Dishita Rout**

This was my first glass painting that I have ever done. I embedded something that has been my passion which is dance by putting in a dancer in the centre of it. The bubbles make the painting look dreamy and soft, which contrast the harshness of the the lines. There is also the contrast between the warm and the cold colours. The bubbles and the dancer are painted with colder colours and the background is painted with warmer colours. Once again, I really liked the outcome of this.





**Neha Patnaik** at Telford Dance Festival

# *Mrs India UK – Rasmita Patra*

*The Beauty of a woman is not in a facial mode but the true beauty in a woman is reflected in her soul*. By- **Audrey Hepburn**




Feeling proud and honoured to be awarded with a Sliver Crown and Sash for "Mrs Congeniality". And also been awarded with a "Certificate and A Gold Crown" for raising the highest charity towards #WaterAidIndia.

My Mrs India UK journey begins last year October 2018 when i had applied the initial application towards this contest, followed by an interview in November and got selected as Contestant No.25 in January 2019 as one of the 30's proud finalists.

Organised by Brandwok, Mrs India UK is one of the pioneer in hosting beauty pageants across UK. Among all the beauty pageants in UK, Mrs India UK has one of the best state of art mentoring and coaching on board. The institute puts all its efforts to groom the beauty pageants with self confidence and balance of mind. With control of both physical and mental attributes Mrs India UK helps the finalists to achieve their goals and objectives. It gives equal opportunities to all who are willing to make a difference.

To make dreams big and to make my own identity, i have made my way towards this journey, making it big, happen and mark it in the map of my state and country India. My hometown Berhampur, friends and family all are already feeling proud of my achievement. I'm really overwhelmed with the response I have received back home, in my state and country.

Sharing a page in this magazine of our community, i would like to extend and pay my humble GRATITUDE to all my Odisha Friends in UK for being very supportive and encouraging throughout this journey. And heartfelt gratitude to each and everyone who have generously contributed towards my charity Water Aid India. Also equally feeling blessed for the love and support I've received from my husband and family, especially from my two beautiful daughters who always been very supportive and motivated me throughout this journey.

A successful person never loses...They either win or learn! I'm very happy and proud with my achievements.




Congratulations **Gaurav Meher** for being nominated as an **outstanding achiever** in the field of Cycling by Jack Petchy foundation. You are a star wheeler in the making and you have made all of us proud. Keep up the good work. We wish you all the best for a bright future in the world of cycling and we hope to see you in top cycling events like Tour de France and Olympics.

# Down the memory lane – Raja 2018



Ladies at Play ground



Food time





Generation Next







Raja Pitha

# SATSANG UNITED KINGDOM

Satsang, a socio-spiritual, philanthropic movement to elevate every human being in the society, was built around **Sree Sree Thakur Anukulchandra** (1888-1969), Fulfiller the Best of the age, in the first decade of the last century. He, with His life and sayings, with His own conduct and steps, has shown with great care and love how to enjoy life, live it to the full, with joy and peacefully. He also introduced scientific and focused meditation which works in our body and mind helping to grow at individual level as well as collectively. His basic message is "Being and Becoming" i.e., Life and Growth, which is applicable to each and every human being in this world. Being with steps to becoming with a Living Ideal at the pivot of life, that is the mantra.

Sree Sree Thakur's vision of life is balanced, dynamic, rationalistic and based on scientific evidences. His wisdom is profound, ranging from health to education, from science to philosophy, from literature to politics and so on. In His life time, He has given thousands of messages aimed at the betterment of mankind.



Few of His messages are as follows:

***"You are for the Lord, Not for others; You are for the Lord, and so for Others."***

***"The ideas and activities that lead man towards the Cause are Spiritualism"***

***"What upholds the existence of an object is Dharma…"***

***"A holy man is no magician; rather, a renunciator, a lover..."***

The main Ashram of Satsang and Satsang Philanthropy office is located in Deoghar, Jharkhand, India. At the present there are million of followers of Sree Sree Thakur and Thousands of Satsang centres in India and across the Globe.

Satsang UK organises regular monthly Satsang, Spiritual Congregation on His philosophy of Being and Becoming i.e., Life and Growth, and Universal Brotherhood currently at Ilford Hindu Centre, Ilford, Essex, IG1 1EE on the 3rd Saturday of each month. Satsangs are also organised at other locations, in and around London and throughout UK, i.e., Newbury Park, Chadwell Heath, East Ham, Upton Park, Central London, Hounslow, Slough, Maidenhead, Rickmansworth, Watford, Barnet, St Albans, Sutton, Northolt, Wembley, Reading, Chelmsford, Oxford, Aylesbury, Peterborough, Southampton, Bristol, Kent, Hastings, Brighton, Leicester, Birmingham, Nottingham, Sheffield, Manchester, Leeds, Newcastle, Edinburgh, Cardiff etc.

**Monthly Satsang on 3rd Saturday of each month, Venue: Ilford Hindu Centre, Ilford, IG1 1EE.**
During the congregation, there are Prayers, devotional songs, meditation and spiritual discussions. Books and periodicals related to Sree Sree Thakur's philosophy are made available free of cost. Free vegetarian dinner is served at the end. Everyone across the community, irrespective of faith and background is invited to attend these Satsang events.
Satsang UK publishes a quarterly periodical called 'Lore-Light' and annual magazine 'Quest'. Its other activities include supporting other organisations within the community, such as the NHS Blood and Transfusion service, Devdaya, Trees for Cities and Old Age care Homes.

Further information on Sree Sree Thakur and Satsang can be obtained from its website www.satsang.org.uk and facebook page: www.fb.com/SatsangUK.

Satsang UK Contacts - Sushanta: 07903706521 / Nihar: 07730416678 / Rajarshi: 07868098775

**This year Annual Satsang Congregation (UTSAV) will be held at Ilford Hindu Centre Hall, Ilford, IG1 1EE on 14 September 2019 from 2:00 pm to 8:00pm.**



**Winter Wonderland – Dishita Rout**

This winter wonderland was my first canvas painting that I did. I experimented with different colours and techniques to achieve a very detailed painting. I made this painting because I wanted to capture all of the great things in winter, for example the snow, and the trees. If you look closely into the painting, you would realise that they are Christmas trees. Christmas is another popular event in the world and everyone enjoys it. I quite like the outcome of this painting for all of the details and the effort that has been put in.